ସମାଜ
The Samaja

# ଇଗ୍ନୁ-ଓଏସଓୟୁ ଚୁକ୍ତିପତ୍ର ସ୍ୱାକ୍ଷରିତ




ସମ୍ବଲପୁର,୧୦।୬(ନି.ପ୍ର)-ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ପାରସ୍ପରିକ ସହଯୋଗ ଓ ବୈଷୟିକ ଜ୍ଞାନକୌଶଳ ଆଦାନପ୍ରଦାନ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଏହି ଅବସରରେ ଇଗ୍ନୁ କୁଳପତି ପ୍ରଫେସର ରବୀନ୍ଦ୍ର କୁମାର, ଓଏସଓୟୁ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଓ କୁଳସଚିବ ଡ. ରଜତ କରଶର୍ମା ଉପସ୍ଥିତଥିଲେ।ଏହାଦ୍ୱାରା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଧିକ ଗୁଣାତ୍ମକ ଶିକ୍ଷା ପାଇପାରିବେ ବୋଲି କୁଳପତି ଡ. ମହାପାତ୍ର ଆଶାପ୍ରକାଶ କରିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଆ. କମନଓ୍ୱେଲଥ ଶିକ୍ଷା ମାଧ୍ୟମ କେନ୍ଦ୍ର(ସେମକା)ର ନିର୍ଦ୍ଦେଶକ ଡ. ଶାହିଦ ରସୁଲ, ସ୍ଥାନୀୟ ବିଧାୟିକା, ଜିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧାଂଶୁଶେଖର ରଥ ଓ ସ୍ଥାନୀୟ ବିଧାୟକ ଡା. ରାସେଶ୍ୱରୀ ପାଣିଗ୍ରାହୀ ଅତିଥି ଭାବେ ଉପସ୍ଥିତଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଓଏସଓୟୁର ନୂତନ ଓ୍ୱେବସାଇଟ 'ଇ-ଜ୍ଞାନାଗାର' ଓ ମୋବାଇଲ ଆପ୍ଲିକେସନ ଲୋକାର୍ପିତ କରାଯାଇଥିଲା। ଅତିଥିମାନେ ନିଜନିଜ ବକ୍ତବ୍ୟରେ 'ଡିଜିଟାଲ' ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ।